# ୩୭ ପରୀକ୍ଷା କେନ୍ଦ୍ର, ୧୦,୪୦୯ ପରୀକ୍ଷାର୍ଥୀ

## ୧୮ରୁ ଯୁକ୍ତ ୨ ପରୀକ୍ଷା ଆରମ୍ଭ

ଅନୁଗୋଳ, ୧୩।୨ (ମାନସ ବିଶ୍ୱାଳ)

ଆସନ୍ତା ୧୮ ତାରିଖରୁ ରାଜ୍ୟରେ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେବ। ଚଳିତବର୍ଷ ଅନୁଗୋଳ ଜିଲାର ୧୦ ହଜାର ୪୦୯ ଛାତ୍ରୀଛାତ୍ର ଯୁକ୍ତ ୨ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଛନ୍ତି। ଏଥିପାଇଁ ଜିଲାରେ ମୋଟ ୩୭ ପରୀକ୍ଷାକେନ୍ଦ୍ର କରାଯାଇଛି। ପ୍ରଶ୍ନପତ୍ରକୁ ସୁରକ୍ଷିତ ଭାବରେ ରଖିବା ପାଇଁ ଜିଲାରେ ୭ଟି ପରୀକ୍ଷା ପରିଚାଳନା ହବ୍ ପ୍ରସ୍ତୁତ କରାଯାଇଛି। ପ୍ରଶ୍ନପତ୍ର ଲିକ୍ ନ ହେବା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି। ଏସବୁ ବ୍ୟବସ୍ଥା ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଜିଲାରେ ପ୍ରଶ୍ନପତ୍ର ପହଞ୍ଚିବ। ଏହାକୁ ନଜରରେ ରଖି ଏହି ପରୀକ୍ଷା ପରିଚାଳନା ହବ୍ (ଇଏମ୍ଏଚ୍)ଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରିଷଦ ପକ୍ଷରୁ ସମସ୍ତ ହବ୍ ସୁପରଭାଇଜରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଚଳିତବର୍ଷ ଅନୁଗୋଳ ଜିଲାରେ ଯୁକ୍ତ ୨ରେ ୧୦ ହଜାର ୪୦୯ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବାବେଳେ ସେମାନଙ୍କ ମଧ୍ୟରେ କଳାରେ ସର୍ବାଧିକ ୬ ହଜାର ୧୮୧ ଛାତ୍ରୀଛାତ୍ର ରହିଛନ୍ତି। ସେହିପରି ବିଜ୍ଞାନରେ ୩,୭୩୬, ବାଣିଜ୍ୟରେ ୪୯୨ ଛାତ୍ରୀଛାତ୍ର ଅଛନ୍ତି। ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ ମହିଳା ମହାବିଦ୍ୟାଳୟ, ଆଠମଲ୍ଲିକ କଲେଜ, ବଇଣ୍ଡା କଲେଜ, ତାଳଚେର କଲେଜ, ପାଲଲହଡ଼ା କଲେଜ, ଛେଣ୍ଡିପଦା କଲେଜରେ ପ୍ରଶ୍ନପତ୍ର ରଖାଯିବାକୁ ହବ୍ କରାଯାଇଛି। ୩୭ଟି ପରୀକ୍ଷା କେନ୍ଦ୍ର ଏହି ୭ଟି ହବ୍ ଅଧୀନରେ ରହିଛି। କଲେଜ ଅଧକ୍ଷମାନେ ମୁଖ୍ୟତଃ ହବ୍ ସୁପରଭାଇଜର ଦାୟିତ୍ୱରେ ରହିଛନ୍ତି। କେତେକ ଶିକ୍ଷାନୁଷ୍ଠାନରେ ଅଧକ୍ଷଙ୍କ ଚୟନକ୍ରମେ ଶିକ୍ଷାନୁଷ୍ଠାନର ବରିଷ୍ଠ ଅଧ୍ୟାପକଙ୍କୁ ସୁପରଭାଇଜର ଦାୟିତ୍ୱରେ ରଖାଯାଇଛି। ସୁପରଭାଇଜରଙ୍କ ବ୍ୟତୀତ ଇଏମ୍ଏଚ୍‌ରେ ଡେପୁଟି ସୁପରଭାଇଜର, ଇଏମ୍ଏଚ୍ ସହାୟକ, ଜଣେ ଲେଖାଏ ଅଧିକାରୀ ଓ ନାଇଟ ୱାଚମ୍ୟାନ ହବ୍ ପରିଚାଳନା ଦାୟିତ୍ୱରେ ରହିଛନ୍ତି। ହବ୍ ଷ୍ଟ୍ରଙ୍ଗରୁମ୍‌ରେ ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା ସହ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ସଶସ୍ତ୍ର ପୋଲିସ ବ୍ୟବସ୍ଥା କରାଯାଇଛି। କୌଣସି ପରିସ୍ଥିତିରେ ହବ୍ ସୁପରଭାଇଜର କିମ୍ବା ଡେପୁଟି ସୁପରଭାଇଜର ଷ୍ଟ୍ରଙ୍ଗରୁମକୁ ଏକା ପ୍ରବେଶ କରିପାରିବେ ନାହିଁ। ଜିଲା ପ୍ରଶାସନ ପକ୍ଷରୁ ଜଣେ ପଦସ୍ଥ ଅଧିକାରୀ ପ୍ରଶ୍ନପତ୍ର ଖୋଲିବା ସମୟରେ ଉପସ୍ଥିତ ରହିବେ। ପ୍ରତିଦିନ ଠିକ୍ ସମୟରେ କିପରି ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପ୍ରଶ୍ନପତ୍ର ପହଞ୍ଚିବ ସେ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ସକାଳ ୬ଟା ୩୦ରୁ ହବ୍‌ଗୁଡ଼ିକରୁ ପ୍ରଶ୍ନପତ୍ର ଧରି ଅବଜରଭର, ପ୍ରଶାସନିକ ଅଧିକାରୀ ଏବଂ ଜଣେ ପୋଲିସ କର୍ମଚାରୀ କଲେଜଗୁଡ଼ିକ ଅଭିମୁଖେ ବାହାରିବେ। ସକାଳ ୮ଟା ୩୦ ସୁଦ୍ଧା ପରୀକ୍ଷାକେନ୍ଦ୍ର ଗୁଡ଼ିକରେ ପ୍ରଶ୍ନପତ୍ର ପହଞ୍ଚାଇ ସେଠାରେ ପରୀକ୍ଷା ପରିଚାଳନାର ତଦାରଖ କରିବେ। କୌଣସି ପରିସ୍ଥିତିରେ ହବ୍‌ର ସିସିଟିଭି କ୍ୟାମେରାରେ ରେକର୍ଡିଂ ବନ୍ଦ ହେବନି ଏବଂ ରାତ୍ରିକାଳୀନ ପାଟ୍ରୋଲିଂ ଉପରେ ସ୍ଥାନୀୟ ପୋଲିସ ଗୁରୁତ୍ୱ ଦେବାକୁ ପ୍ରସ୍ତୁତି ସରିଛି ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି।

# ମେଶିନରେ ପୋଖରୀ ଖୋଳା ଅଭିଯୋଗର ତଦନ୍ତ

ପାଲଲହଡ଼ା, ୧୩।୨ (ଦିବ୍ୟଜ୍ୟୋତି ଦାଶ):

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ବଡିସୁଆଁ ପଞ୍ଚାୟତର ରଞ୍ଜଣା ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଅମୃତ ସରୋବର ଯୋଜନାରେ ପୋଖରୀ ଖନନ କାର୍ଯ୍ୟରେ ଶ୍ରମିକଙ୍କ ବଦଳରେ ମେଶିନ ବ୍ୟବହାର ଅଭିଯୋଗର ଗୁରୁବାର ତଦନ୍ତ କରିଛି ପ୍ରଶାସନ। ପୋଖରୀ ଖନନ କାର୍ଯ୍ୟରେ ମେଶିନ ବ୍ୟବହାର ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏହାର ତଦନ୍ତ ପାଇଁ ପାଲଲହଡା ବିଡିଓ ନିଶାନ ମିଶ୍ର ପଞ୍ଚାୟତ ସମିତି ସହକାରୀ ଯନ୍ତ୍ରୀ ଏବଂ ଏପିଓଙ୍କୁ ଚିଠି ସଂଖ୍ୟା ୫୬୦/୧୨।୨।୨୦୨୫ରେ ନିର୍ଦ୍ଦେଶ ଜାରି କରିଥିଲେ। ୭ ଦିନ ମଧ୍ୟରେ ଏ ନେଇ ରିପୋର୍ଟ ଦେବା ସହ କାର୍ଯ୍ୟ ବନ୍ଦ କରିବାକୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବ୍ଲକ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇଥିଲା। ବିଡିଓ ମିଶ୍ରଙ୍କ ସହିତ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଏପିଓ ରଞ୍ଜଣା ଗାଁକୁ ଯାଇ ଅଭିଯୋଗର ତଦନ୍ତ କରିଥିଲେ।

# ବିଜ୍ଞାନ ପ୍ରତି ରୁଚି ରଖିବାକୁ ଆହ୍ୱାନ



ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିମାନେ।

ବନ୍ତଲା, ୧୩।୨ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ବେଡ଼ାଶାସନ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ (ଆର୍ଏଏ) ଅଧୀନରେ ଆମ ସଂସ୍କୃତି ଆମ ଖେଳନା ଓ ଜ୍ଞାନ ବିଜ୍ଞାନ ମେଳା ତଥା ବିଦ୍ୟାଳୟସ୍ତରୀୟ ସ୍କାଉଟ୍ସ ଅଳଙ୍କରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୧୦୦ ଜଣ ଛାତ୍ରୀଛାତ୍ର ପାରମ୍ପରିକ ହସ୍ତତନ୍ତ ଓ ତାଳପତ୍ର କାରିଗରି ଦ୍ୱାରା ପ୍ରସ୍ତୁତ ଖେଳନା, ଷଷ୍ଠରୁ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଜ୍ଞାନ ଓ ଗଣିତ ସମ୍ବନ୍ଧିତ କେତେକ ମଡେଲ ପ୍ରଦର୍ଶନ କରାଯାଇଥିଲା। ଅନୁଗୋଳ ଓ ଢେଙ୍କାନାଳ ଡିଭିଜନର ଇଲେକଟ୍ରିକ୍ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଧନେଶ୍ୱର ନନ୍ଦ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ମହୀଧରପୁର ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲକ୍ଷ୍ମଣ କୁମାର ବେହେରା, ଜନତା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଜା ଶଙ୍କର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ପରେ ସ୍କାଉଟ୍ସ ଅଳଙ୍କରଣ ସମାରୋହ ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ଜିଲା ସ୍କାଉଟ୍ସ କମିଶନର ଆଶୁତୋଷ ମହାପାତ୍ର, ଖେଳ ଶିକ୍ଷକ ବିଜୟ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭିକାରୀବନ୍ଧୁ ସାହୁ ଯୋଗଦେଇ ସ୍କାଉଟ୍ସର ଲକ୍ଷ୍ୟ ସମାଜସେବା ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅପରାହ୍ନରେ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ବନ୍ତଲା ଡିଗ୍ରୀ କଲେଜ ଅଧକ୍ଷ ପଦ୍ମଚରଣ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ର ବିଜ୍ଞାନ ପ୍ରତି ରୁଚିବନ୍ତ ହେବାକୁ ଉତ୍ସାହିତ କରିଥିଲେ। ନିଷ୍ଠାପର ସେବା ଓ ସହଯୋଗ ପାଇଁ ପରିଚାଳନା କମିଟି ସଭାପତି ମନୋଜ ଅମାନ୍ତ, ମେଧାବୀଛାତ୍ର ସନ୍ଦୀପ ପଟ୍ଟନାୟକ ଓ କ୍ରୀଡ଼ାବିତ୍ ବିଶ୍ୱରଞ୍ଜନ ଅମାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ଅରୁଣ ଷଡ଼ଙ୍ଗୀ, ସୁବ୍ରତ ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ ସମାପନ



ଅଷ୍ଟପ୍ରହର ନାମଯଜ୍ଞ କରାଯାଉଛି।

ଅନୁଗୋଳ, ୧୩।୨ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହରସ୍ଥିତ ହେମସୁରପଡା କ୍ଲବ ପ୍ରାଙ୍ଗଣରେ ୩ ଦିନ ଧରି ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହେଇଯାଇଛି। ଏହି ନାମ ଯଜ୍ଞ ୧୧ ତାରିଖ ସନ୍ଧ୍ୟାରୁ ଆରମ୍ଭ ହୋଇ ୧୩ ତାରିଖରେ ସମ୍ପୂର୍ଣ୍ଣ ହୋଇଥିଲା। ଏହି ଅବସରରେ କଳସ ଯାତ୍ରା ଏବଂ ଅଧିବାସ ପୂଜା କରାଯିବା ସହ ଅହୋରାତ୍ର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଶେଷ ଦିନରେ ନଗର ପରିକ୍ରମା କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ୩୦ଟି ସଂକୀର୍ତ୍ତନମଣ୍ଡଳୀ ଯୋଗଦାନ କରି ହରିନାମ ପରିବେଷଣ କରିଥିଲେ। ଏହି ଅଷ୍ଟପ୍ରହରରେ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରଭୁ କୃପା ଲାଭ କରିବା ସହିତ ପ୍ରସାଦ ସେବନ କରିଥିଲେ।

# ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ଉପରେ ଗୁରୁତ୍ୱ

## ବୁଢ଼ାପଙ୍କ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା

ସନ୍ଥିଛକ, ୧୩।୨ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଆଁରପାଳ ବ୍ଲକ ବୁଢ଼ାପଙ୍କ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ଝିଲି ବେହେରା, ସମିତି ସଭ୍ୟ ପପୁନ ବେହେରା, ବଆଁରପାଳ ବ୍ଲକ ଜେଇ ସୁରଜ ଶେଖର ପଲେଇ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୀନବନ୍ଧୁ ସାହୁ, ଏଡିଇଓ ସୁଜିତ ସାହୁ, ସମସ୍ତ ୱାର୍ଡମେମ୍ବର, ଏମ୍‌ବିକେ, ସିଆରପି, ସାମାଜିକ କର୍ମୀ ପ୍ରସନ୍ନ ମହାନ୍ତି, ଗକୁଳି ଲେଙ୍କା, ସୁଧାକର ନାଏକ, ଶିବୁ ବେହେରା ଓ ପୂର୍ବତନ ସରପଞ୍ଚ ଉଚ୍ଛବ ଦେହୁରୀ ଏବଂ ଗ୍ରାମର ପ୍ରାୟ ୩ଶହ ମହିଳା ପୁରୁଷ ଗ୍ରାମ ସଭାରେ ଯୋଗ ଦେଇଥିଲେ। ଏହି ସଭାରେ ବିକଶିତ ଗାଁ, ବିକଶିତ ଓଡ଼ିଶା, ସମୃଦ୍ଧ ଓଡ଼ିଶାର ନୂତନ ପରିଭାଷା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଗ୍ରାମର ମହିଳା ଓ ପୁରୁଷମାନେ ସମସ୍ୟା ନେଇ ଦାବି, ଆପତ୍ତି ଉପସ୍ଥାପନ କରିଥିଲେ। ସଭାରେ ଉପସ୍ଥିତ ସରପଞ୍ଚ, ଜେଇ, ପଞ୍ଚାୟତ ଅଧିକାରୀ ଗ୍ରାମବାସୀଙ୍କୁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।



ଗ୍ରାମସଭାରେ ଉପସ୍ଥିତ ଜନପ୍ରତିନିଧି, ଅଧିକାରୀମାନେ।

# ବାର୍ଷିକ ଉତ୍ସବ, ପୁରସ୍କାର ବିତରଣ

ସନ୍ଥିଛକ, ୧୩।୨ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଆଁରପାଳ ବ୍ଲକ ନୂଆହତା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୂଆହତା ସରପଞ୍ଚ ରୁନୁବାଳ ଧୀର, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ଅଞ୍ଜଳୀ ଦଳବେହେରା। ବିଦ୍ୟାଳୟ ସଭାପତି ତଥା ପ୍ରଧାନ ଶିକ୍ଷକ କମଳକାନ୍ତ ବିଶ୍ୱାଳ, ପରିଚାଳନା କମିଟି ସଭାପତି ଦୁଃଶାସନ ଦାସ, ପଞ୍ଚସଖା ଶିକ୍ଷାସେତୁ ସଭାପତି ପ୍ରଭାତ ରଣା, ବରିଷ୍ଠ ଶିକ୍ଷୟିତ୍ରୀ ସରୋଜିନୀ ସେଠୀ, ମୁଖ୍ୟବକ୍ତା ଭାବେ ପ୍ରଦୀପ ମାଝୀ, କ୍ରୀଡ଼ା ଶିକ୍ଷକ ଅର୍ଜୁନ ମାଝୀ, ସାମାଜିକ କର୍ମୀ ଶିବରାମ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଗୁରୁଜୀ ତନ୍ମୟ ନାଥ ମଞ୍ଚ ପରିଚାଳନା କରୁଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମର ସଫଳତା ଦିଗରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ମା' ମଙ୍ଗଳାଙ୍କ ଝାମୁଯାତ୍ରା ପାଳିତ



ମା'ଙ୍କୁ ଗ୍ରାମ ପରିକ୍ରମା କରାଯାଉଛି।

ସନ୍ଥିଛକ, ୧୩।୨ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଆଁରପାଳ ବ୍ଲକ ବଙ୍ଗଳାସାହିରେ ଥିବା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ବାର୍ଷିକ ଝାମୁ ଯାତ୍ରା ପୂଜା ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ମାଘ ପୂର୍ଣ୍ଣିମା ଦିନ ଏହି ପୂଜା ପାଳନ ହୋଇଥାଏ। ମା'ଙ୍କ ଏହି ବାର୍ଷିକ ଯାତ୍ରାରେ ଚଳିତବର୍ଷ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତ୍ୟୁଷରୁ ଦେହୁରୀ ଆଲମ ଘରେ ମା'ଙ୍କ ନୀତିକାନ୍ତି, ନୂତନ ବସ୍ତ୍ର ପରିଧାନ ଓ ପୂଜାର୍ଚ୍ଚନା କରିଥିଲେ। ପରେ ଗ୍ରାମବାସୀ ମା'ଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ପୀଠସ୍ଥଳୀକୁ ନେଇଥିଲେ। ଏହି ଅବସରରେ ଭକ୍ତଙ୍କ ହରିବୋଲ ହୁଳହୁଳିରେ ଗ୍ରାମ ପ୍ରକମ୍ପିତ ହୋଇ ଉଠିଥିଲା। ବାଟରେ ମହିଳାମାନେ ଘର ସମ୍ମୁଖରେ ଘଟ ସ୍ଥାପନ କରି ବନ୍ଦାପନା କରିଥିଲେ। ଶୋଭାଯାତ୍ରା ପୀଠସ୍ଥଳୀରେ ପହଞ୍ଚିବା ପରେ ମାର୍ଜନା କରାଯାଇ ମା'ଙ୍କୁ ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହିଅବସରରେ ଅଧିଆ ପଡ଼ିଥିବା ମାନସିକଧାରୀମାନେ ପାଦୁକା ପାଇ ମାନସିକ ଭଙ୍ଗ କରିଥିଲେ। ଯାତ୍ରା ପଡ଼ିଆରେ ଶତାଧିକ ଛୋଟବଡ଼ ବ୍ୟବସାୟୀ ଦୋକାନମାନ ଖୋଲିଥିଲେ। ଆଖପାଖ ଅଞ୍ଚଳ ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରିଥିଲେ। ମା'ଙ୍କ ଯାତ୍ରା ପଡ଼ିଆରେ ଦଣ୍ଡ ବାଦ ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ଡ୍ରେନ୍ ତଳୁ ଖସୁଛି ମାଟି

## ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ

ବଇଣ୍ଡା, ୧୩।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ନିର୍ମାଣ ହୋଇଥିବା ଡ୍ରେନ୍ ଅତି ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ଡ୍ରେନ୍ କାମ ୮୦ ପ୍ରତିଶତ ସରିଥିବାବେଳେ କେଉଁଠି ଉପରେ ପଡ଼ିଥିବା ସ୍ଲାବ ଭାଙ୍ଗିଗଲାଣି ତ ଆଉ କେଉଁଠି ଡ୍ରେନ୍ ତଳୁ ମାଟି ଧୋଇ ହୋଇଗଲାଣି। ଫଳରେ ଡ୍ରେନ୍‌ର ଭବିଷ୍ୟତକୁ ନେଇ ବଇଣ୍ଡା ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଅଞ୍ଚଳବାସୀ ଗୁରୁବାର ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ଡ୍ରେନ୍ କାର୍ଯ୍ୟ କରୁଥିବା ଠିକାସଂସ୍ଥାର ପରିଚାଳକଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗରେ ଗ୍ରାମବାସୀ ଦର୍ଶାଇଛନ୍ତି, କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ବଇଣ୍ଡା ଠାରେ ୨୦୨୨ ମସିହାଠାରୁ ଉଭୟ ରାସ୍ତା ପାର୍ଶ୍ୱରେ ଡ୍ରେନ୍ କାମ ଚାଲୁଛି। ଦୀର୍ଘ ୨ ବର୍ଷ ହୋଇଯାଇଥିଲେ ମଧ୍ୟ କାମ ଶେଷ ହୋଇନାହିଁ। ତେବେ ନିର୍ମାଣ ହୋଇଥିବା ଡ୍ରେନ୍‌ଗୁଡ଼ିକ ମଧ୍ୟରୁ କିଛି ସ୍ଥାନରେ ଉପର ସ୍ଲାବ ଭାଙ୍ଗିଯାଇଥିବା ବେଳେ କିଛି ସ୍ଥାନରେ ଡ୍ରେନ୍ ତଳୁ ମାଟି ଖସିଯାଉଥିବା ଦେଖିବାକୁ ମିଳୁଛି। ବଇଣ୍ଡା ଅଞ୍ଚଳରେ ହୋଇଥିବା ପୋଲ ନିକଟରେ ସଂଯୋଗ କରୁଥିବା ଡ୍ରେନ୍‌ଗୁଡ଼ିକରେ ସାଇଡ୍ ୱାଲ ଦିଆଯାଇ ନ ଥିବା ଯୋଗୁ ବର୍ଷା ହେଲେ ଆସୁଥିବା ପାଣି ନାଳରେ ଠିକ୍‌ରେ ପଡୁ ନ ଥିବାରୁ ଡ୍ରେନ ତଳେ ଥିବା ମାଟି ଧୋଇ ହୋଇଯାଉଛି। ତେଣୁ ଆଗାମୀ ଦିନରେ ଡ୍ରେନର ସ୍ଥାୟିତ୍ୱକୁ ନେଇ ଗ୍ରାମବାସୀ ଆଶଙ୍କା ପ୍ରକାଶ କରୁଛନ୍ତି। ତୁରନ୍ତ ଡ୍ରେନ୍ କାମ ସାରିବା ସହ ନିମ୍ନମାନର ନିର୍ମାଣ ହୋଇଥିବା ଡ୍ରେନଗୁଡ଼ିକ ସମ୍ପର୍କରେ ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ରାସ୍ତା କାମ କରୁଥିବା ଠିକାସଂସ୍ଥାର ପରିଚାଳକ ଏସ୍ ସିଂ କହିଛନ୍ତି, ଏଥିପ୍ରତି ପଦକ୍ଷେପ ନିଆଯିବ।



ନିର୍ମାଣାଧୀନ ଡ୍ରେନ୍ ତଳୁ ମାଟି ଧୋଇଯାଇଛି।

# ମୂଳଦୁଆ ମଜଭୁତ ହେଲେ ଭବିଷ୍ୟତ ଉଜ୍ଜ୍ୱଳ

ଆଠମଲ୍ଲିକ, ୧୩।୨ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସହରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈବଲ୍ୟ କଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ ଟିଟୋସ ମହାନନ୍ଦିଆ, ବକ୍ତା ଭାବେ ଶିକ୍ଷାବିତ୍ ଦେବରାଜ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣିତା ନାୟକ ପ୍ରମୁଖ ଯୋଗ ଦେଇ ନିପୁଣ ଓଡ଼ିଶା ମେଳାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିବା ସହିତ ଛାତ୍ରୀଛାତ୍ରଙ୍କ ମୂଳଦୁଆ ମଜଭୁତ ହେଲେ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ସତ୍ୟ ରଞ୍ଜନ ଜେନା ମଞ୍ଚ ପରିଚାଳନା କରିଥିଲେ। ଭାଷା ଜ୍ଞାନ ଓ ସଂଖ୍ୟା ଜ୍ଞାନ ଉପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମିତ ପ୍ରକଳ୍ପକୁ ମୁଖ୍ୟ ଅତିଥି ବୁଲି ଦେଖିଥିଲେ। ଏହି ଅବସରରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ମଧ୍ୟ ନିପୁଣ ମେଳାରେ ପହଞ୍ଚି ପ୍ରକଳ୍ପ ପରିଦର୍ଶନ କରିବା ସହିତ ମେଳା ଆୟୋଜନର ଯଥାର୍ଥତା ଉପରେ ବୁଝାଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସିଆରସିସି ଓ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଘଣ୍ଟପଡ଼ା ଭାଗବତ ଟୁଙ୍ଗିର ରୌପ୍ୟ ଜୟନ୍ତୀ

ତାଳଚେର, ୧୩।୨ (ମନୋଜ ନନ୍ଦ)

ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମରେ ଥିବା ଭାଗବତ ଟୁଙ୍ଗିର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାପ୍ତାହିକ ପାରାୟଣ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ତାଳଚେର ବ୍ରାହ୍ମଣୀଦେଈ ଆଶ୍ରମର ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ, ଗହମ ନିତାଇ ଗୌର ଆଶ୍ରମର ବାବାଜୀ ପ୍ରଭୁ ପାଦ ଦାସ ମହାରାଜ, ପାଟରପଦା ବାଙ୍କେବିହାରୀ ଆଶ୍ରମର ବାବାଜୀ କାଳନ୍ଦୀ ଚରଣ ଦାସ, ପରଜଙ୍ଗର ପଣ୍ଡିତ ବାସୁଦେବ ଚାନ୍ଦ, ମହିଧରପୁରର କାଳନ୍ଦୀ ଚରଣ ମହାରାଜ, ରେଙ୍ଗାଳି ହରିହର ମଠର ବାବାଜୀ ଅନ୍ତର୍ଯ୍ୟାମୀ ଦାସ ମହାରାଜ, ତାଳଚେରର ପଣ୍ଡିତ ନିରଞ୍ଜନ କର ପ୍ରତ୍ୟେକ ସନ୍ଧ୍ୟାରେ ପ୍ରବଚନ ଦେଇଥିଲେ। ଭାଗବତ ପାରାୟଣ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଆନନ୍ଦ ଚନ୍ଦ୍ର ବିଶ୍ୱାଳଙ୍କୁ ମରଣୋତ୍ତର ସମ୍ମାନ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବିଶ୍ୱାଳଙ୍କୁ ସଚ୍ଚିଦାନନ୍ଦ ସରସ୍ୱତୀ ଓ ପ୍ରଭୁପାଦ ମହାରାଜ ପ୍ରଦାନ କରିଥିଲେ। ସେହିପରି ଗ୍ରାମର ୧୯ ଜଣ ଦିବଂଗତଙ୍କ ପରିବାର ଓ ନିଖିଳ ଭାଗବତ ଭକ୍ତ ସମ୍ମିଳନୀ ପ୍ରତିଷ୍ଠାତା ତଥା କଙ୍କିଳି ଗ୍ରାମର ଶତାୟୁ ପୁରୁଷ ହରମୋହନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାମାଜିକ କାର୍ଯ୍ୟ ପାଇଁ ସାମାଜିକ କର୍ମୀ କ୍ଷୀରୋଦ ସାହୁଙ୍କ ସମେତ ଗ୍ରାମର ୨୫ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଭାଗବତ ଟୁଙ୍ଗି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ରବି ନାରାୟଣ ମିଶ୍ରଙ୍କ ଦ୍ୱାରା ଗୀତା ଯଜ୍ଞ ଓ ପଣ୍ଡିତ ତ୍ରିଲୋଚନ ଭୋଇ, ଅନସୂୟା ସାହୁଙ୍କ ଦ୍ୱାରା ଗୀତା ପାଠ, ପଦ୍ମନାଭ ମହାରାଜଙ୍କ ଦ୍ୱାରା ଭାଗବତ ପଠନ କରାଯାଇଥିଲା। ଭାଗବତ ସତ୍‌ସଙ୍ଗ କମିଟି ସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗ୍ରାମର ଗଗନ କୁମାର ଦାସ, ରାମଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ କୁମାର ପ୍ରଧାନ, ରାଜ କିଶୋର ଦାସ, ପ୍ରମୋଦ ଚନ୍ଦ୍ର ପ୍ରଧାନ, ଗୋଲେକ ବିହାରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଭାଗବତ ଟୁଙ୍ଗିର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ସମ୍ବର୍ଦ୍ଧିତ କରାଯାଉଛି।

# ଅଙ୍ଗାରବନ୍ଧ ମହିମାଧାମର ହେବ ଉନ୍ନତୀକରଣ

## ଅନ୍ତର୍ଜାତୀୟ ମହିମା ମହୋତ୍ସବ ଉଦ୍‌ଘାଟିତ

ଅନୁଗୋଳ, ୧୩।୨ (ମାନସ ବିଶ୍ୱାଳ)

ଅନୁଗୋଳ ବ୍ଲକ ଅଙ୍ଗାରବନ୍ଧ ମହିମାଧାମଠାରେ ଅନ୍ତର୍ଜାତୀୟ ମହିମା ମହୋତ୍ସବ ବୁଧବାର ରାତି ୮ଟାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଏହି ୩ ଦିନିଆ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ ଏହି ପୀଠର ଉନ୍ନତି ଓ ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ସହ ଭକ୍ତଙ୍କ ପାଇଁ ଏକ ଭୋଗମଣ୍ଡପ ନିର୍ମାଣ କରାଯିବ ବୋଲି ବିଧାୟକ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱଭୂଷଣ, ସରପଞ୍ଚ ସୁଜାତା ସାହୁ, ସମିତି ସଭ୍ୟ ସୁଜାତା ସ୍ୱାଇଁ, ବାବା ମଦନ ଦାସ ଓ ମୁଖ୍ୟବକ୍ତା ଭାବେ ଅନୁଗୋଳ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ପ୍ରମୁଖ ଉପସ୍ଥିତ ଥିଲେ।

ସମ୍ମାନିତ ଅତିଥି ବିଡିଓ ଡ. ବିଶ୍ୱଭୂଷଣ କହିଥିଲେ, ମହିମା ଧର୍ମ ଆମମାନଙ୍କ ମଧ୍ୟରେ ସମାନତାକୁ ପ୍ରତିପାଦନ କରେ। ଭେଦଭାବ ଶୂନ୍ୟ ହୋଇ ସମସ୍ତେ ଈଶ୍ୱରଙ୍କ ସନ୍ତାନ ଏବଂ ଏହି ଭାବନା ହିଁ ମହିମା ଧର୍ମ। ମହିମା ପୀଠର ଆଞ୍ଚଳିକ ପରିଚାଳନା ସମିତି ସଭାପତି କହିଥିଲେ, ନିରାକାରବାଦୀ ସାଧନ ପଦ୍ଧତି ମଧ୍ୟରେ ଏହି ଧର୍ମ ଖ୍ୟାତି ଲାଭ କରିଛି। ମୁଖ୍ୟବକ୍ତା ପ୍ରତାପ ପ୍ରୀତିମୟ କହିଥିଲେ, କୌଣସି ଆଶା, ରୂପ, ରଙ୍ଗ, ଦ୍ରବ୍ୟ ଉପଚାର ଆଦି ବିନା ଏହି ଧର୍ମର ଉପାସନା କରାଯାଇଥାଏ। ଏହି ଧର୍ମର ଜଣେ ମୁଖ୍ୟ ପ୍ରଚାରକ ଭାବେ ସନ୍ଥକବି ଭୀମ ଭୋଇ ନିଜ ରଚନା ମାଧ୍ୟମରେ ଅନ୍ତର୍ଜାତୀୟସ୍ତରରେ ଖ୍ୟାତିଲାଭ କରିଛନ୍ତି। ପରେ ଓଲିଉଡ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ, ଶୁଭ୍ରଜିତା ମହାନ୍ତି, ପ୍ରକାଶ ରାଜ ପ୍ରମୁଖ ସଙ୍ଗୀତରେ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ। ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ସଭାପତି ତଥା ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଖବରଦାତା ମାନସ ବିଶ୍ୱାଳ, ରାଜେଶ ପାତ୍ର, ଦ୍ୱାରିକା ପ୍ରସାଦ ନନ୍ଦ, ବିଜୟ ଦେ, ଉମାକାନ୍ତ ସାହୁ, ଦିବ୍ୟ ଶାନ୍ତନୁ, ପ୍ରଭାତ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନୃତ୍ୟଗୁରୁ ସ୍ୱପ୍ନାରାଣୀ ସିହ୍ନାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ତାଙ୍କ ଅନୁପସ୍ଥିତିରେ ନୃତ୍ୟନୀଳୟ ଅନୁଷ୍ଠାନର ମୁଖ୍ୟ ଏହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ।



ଅନ୍ତର୍ଜାତୀୟ ମହିମା ମହୋତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଆଜି ମୁଖ୍ୟମନ୍ତ୍ରୀଙ୍କ ଯୋରନ୍ଦା ଗସ୍ତ**

ଢେଙ୍କାନାଳ(ରତନ ନାୟାର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଅପରାହ୍ନ ୪ଟାରେ ହେଲିକ୍ୟାପ୍ଟର ଯୋଗେ ବିଶ୍ୱ ପ୍ରସିଦ୍ଧ ମହିମାଗାଦୀ ଯୋରନ୍ଦାରେ ପହଁଚି ପ୍ରସିଦ୍ଧ ମାଘମେଳା ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି । ଏଥିସହିତ ସେ ମହିମା ସାଧୁ ସନ୍ନ୍ୟାସୀମାନଙ୍କର ଆଶୀର୍ବାଦ ନେବେ । ଏହାକୁ ନେଇ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ମଧ କଡ଼ାକଡ଼ି କରାଯାଇଛି ।

# ସଦର ତହସିଲ୍‌ରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ବଢୁଛି

**ଢେଙ୍କାନାଳ, ୧୩।୨ (ରତନ ନାୟାର)**

■ଫାଇଲରେ ଥିବା ଦରକାରୀ କାଗଜ ହଜିଯାଉଛି
■ମ୍ୟୁଟେସନ ପାଇଁ ଧାଉଁଥିବା ଆବେଦନକାରୀ ହନ୍ତସନ୍ତ
■ତହସିଲଦାରଙ୍କ ଅଧିକ ଛୁଟି ଆବେଦନ ଅଗ୍ରାହ୍ୟ
■ବରିଷ୍ଠ ଅଧିକାରୀଙ୍କ କଥାରେ ତାଳମେଳ ନାହିଁ

ଢେଙ୍କାନାଳ ସଦର ତହସିଲରେ ଦିନକୁ ଦିନ ଅବ୍ୟବସ୍ଥା ଚରମ ସୀମାରେ ପହଁଚିଛି । ମ୍ୟୁଟେସନଠାରୁ ଆରମ୍ଭ କରି ସାର୍ଟିଫାଏଡ କପି ଆବେଦନ ଏବଂ ବିଭିନ୍ନ ପ୍ରକାର ସାର୍ଟିଫିକେଟ ପାଇଁ ଆସୁଥିବା ଲୋକମାନଙ୍କୁ ନାହିଁ ନ ଥିବା ହଇରାଣ ହରକତ କରାଯାଉଥିବା ଅଭିଯୋଗ ହେଉଛି । ବାରମ୍ବାର ହଇରାଣ କରୁଥିବାରୁ ଭୟରେ ମଧ କିଛି ବରିଷ୍ଠ ନାଗରିକ ନିଜ ନାମକୁ ପ୍ରକାଶ ନ କରି ଅଭିଯୋଗ କରନ୍ତି । ସଦର ମହକୁମାରେ ଥିବା ବିଭିନ୍ନ କାର୍ଯ୍ୟାଳୟରେ ଅଧିକ ଦିନ ରହୁଥିବା କର୍ମଚାରୀମାନଙ୍କୁ ଅଦଳବଦଳ କରାଯାଉଥିବା ବେଳେ ଢେଙ୍କାନାଳ ତହସିଲ ଅଫିସରେ ୧୦ରୁ ୧୫ ବର୍ଷ ଧରି କର୍ମଚାରୀମାନେ ରହି ଅବ୍ୟବସ୍ଥାର କାରଣ ସାଜୁଥିବା ବେଳେ ସେମାନଙ୍କୁ କାହିଁକି ଅଦଳବଦଳ କରାଯାଉନାହିଁ ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ।

ରାଜ୍ୟରେ ନୂତନ ସରକାର ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉଥିବା ବେଳେ ଢେଙ୍କାନାଳ ସଦର ତହସିଲ ଅଫିସରେ ନିଜ କାର୍ଯ୍ୟ ପାଇଁ ଯାଉଥିବା ଲୋକମାନଙ୍କୁ ଏକପ୍ରକାର ମାନସିକ ନିର୍ଯ୍ୟାତନା ଦିଆଯାଉଥିବା ଆଲୋଚନା ହେଉଛି । କିଛିଦିନ ତଳେ ଜଣେ ବରିଷ୍ଠ ନାଗରିକ ନିଜ ପତ୍ନୀଙ୍କ ନାମରେ ଥିବା ମ୍ୟୁଟେସନ କେସ୍ ପାଇଁ ଆବେଦନ କରିଥିଲେ ମଧ ଏହା ଯୁକ୍ତିସଙ୍ଗତ ଥାଇ ତହସିଲଦାର ଏହାକୁ ରିଜେକ୍ଟ କରିଦେଇଥିଲେ । ସେ ଏ ସମ୍ପର୍କରେ ତହସିଲଦାରଙ୍କ ନିର୍ଦ୍ଧାରିତ ତାରିଖରେ ଆସି ହାଜିରା ମଧ ଦେଇଥିଲେ । ଉପର ଅଦାଲତରେ ଅପିଲ ପାଇଁ ବରିଷ୍ଠ ନାଗରିକ ଜଣକ ସାର୍ଟିଫାଏଡ କପି ମାଗିବାରୁ ଏହାକୁ ନେଇ ଅଡୁଆରେ ପଡିଯାଇଥିଲେ ତହସିଲ କର୍ମଚାରୀମାନେ । କାରଣ ତାଙ୍କର ମ୍ୟୁଟେସନ ଫାଇଲ ମଧ୍ୟରୁ ହାଜିରା ସମେତ ଅନେକ ଦରକାରୀ କାଗଜପତ୍ର ମିଳିଲା ନାହିଁ । ଏହାକୁ ନେଇ ବହୁତ ଖୋଜାଖୋଜି ଚାଲିବା ସହିତ ତହସିଲ କର୍ମଚାରୀଙ୍କ ଚିନ୍ତା ବଢ଼ିଯାଇଥିଲା । ବରିଷ୍ଠ ନାଗରିକ ଜଣକ ଏ ସଂକ୍ରାନ୍ତରେ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇବା ସହିତ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହାର ନକଲ ପଠାଇଥିବା ନିଜ ନାମକୁ ପ୍ରକାଶ ନ କରି କୁହନ୍ତି । ଏତଦବ୍ୟତିତ ଯେ କୌଣସି ବ୍ୟକ୍ତି ସାର୍ଟିଫାଏଡ୍ କପି ମାଗିଲେ ମଧ ନିର୍ଦ୍ଧାରିତ ସମୟଠାରୁ ସେମାନଙ୍କୁ ଦୀର୍ଘଦିନ ଧରି ଦୌଡ଼ିବାକୁ ପଡୁଛି । ସେହିପରି ଗତ ଦୁଇ ସପ୍ତାହ ଧରି ହଠାତ୍ ସଦର ତହସିଲଦାର ଛୁଟିରେ ଯାଇ ୧୧ ତାରିଖ ଦିନ ଅଚାନକ ଭାବେ ଆସି କାର୍ଯ୍ୟରେ ଯୋଗ ଦେଇଥିଲେ । ଛୁଟିରେ ରହି ସେ ପୁଣି ଅଧିକ ଦିନ ଛୁଟି ଆବେଦନ କରିଥିବା ବେଳେ ଉପଜିଲାପାଳ ତାଙ୍କର ଛୁଟି ଆବେଦନକୁ ଅଗ୍ରାହ୍ୟ କରିଦେଇଥିବା ଜଣାପଡିଛି । ଏ ସଂକ୍ରାନ୍ତରେ ଗୁରୁବାର ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି ଯେ, ତହସିଲଦାର ଛୁଟିରୁ ଆସି ୧୧ ତାରିଖରେ କାର୍ଯ୍ୟରେ ଯୋଗ ଦେଇଛନ୍ତି ବୋଲି ମୁଁ ଶୁଣିଛି । ଦୁଇ ସପ୍ତାହ ଧରି କେଉଁ କାରଣରୁ ଛୁଟିରେ ରହିଲେ ବୋଲି ତହସିଲଦାରଙ୍କୁ ଏକ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ସମ୍ପର୍କରେ ମୁଁ ଜାଣିନି । ଅତିରିକ୍ତ ଜିଲାପାଳ ଜାରି କରିଥାଇପାରନ୍ତି । ଯଦି ସେଭଳି କିଛି ଅଭିଯୋଗ ଅଛି, ମୋତେ ଲିଖିତ ଭାବରେ ଦିଅନ୍ତୁ ବୋଲି ଜିଲାପାଳ କହିଥିଲେ । ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା କହିଛନ୍ତି, ଏ ସମ୍ପର୍କରେ ମୁଁ ଜାଣିନି । ଜିଲା କାର୍ଯ୍ୟାଳୟର ସଂସ୍ଥା (ଏଷ୍ଟାବ୍ଲିସମେଣ୍ଟ) ବିଭାଗ ପକ୍ଷରୁ ଯଦି ଚିଠି ହୋଇଥିବ, ତେବେ ଅତିରିକ୍ତ ଜିଲାପାଳ (ସାଧାରଣ) ଜାଣିଥିବେ । ଘଟଣା ସମ୍ପର୍କରେ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ କହିଛନ୍ତି, ମୁଁ ଏ ବିଷୟରେ ଜାଣିନି । କିନ୍ତୁ ଶୁଣିଛି ଉପଜିଲାପାଳଙ୍କ ପାଖରୁ କ'ଣ ଏକ ଚିଠି ହୋଇଛି । ଶେଷରେ ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ କହିଛନ୍ତି, କାରଣ ଦର୍ଶାଅ ନୋଟିସ ଜାରି ହୋଇନି । ସେ ଛୁଟିରେ ରହି ପୁଣି ଅଧିକ ଦିନ ଛୁଟି ଆବେଦନ କରିବାରୁ ଏହାକୁ ଆମେ ଅଗ୍ରାହ୍ୟ କରିଦେଇଛୁ କହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ । ତେବେ ବରିଷ୍ଠ ଅଧିକାରୀଙ୍କ ତଥ୍ୟରେ ତାଳମେଳ ରହୁନଥିବା ଏବଂ ଏ ସମ୍ପର୍କରେ ଜାଣି ମଧ କୌଣସି ସମୀକ୍ଷା ନ କରିବା ସାଧାରଣ ଲୋକଙ୍କୁ ସେବା ପ୍ରଦାନ କରିବାରେ ପ୍ରଶାସନିକ ଅଧିକାରୀମାନେ କେତେ ଯତ୍ନବାନ, ତାହା ସ୍ପଷ୍ଟ ଅନୁମେୟ ।


ଢେଙ୍କାନାଳ ସଦର ତହସିଲ କାର୍ଯ୍ୟାଳୟ ।

# ମହିମାଗାଦିରେ ଧର୍ମ ମହାସଭା


ଧର୍ମ ମହାସଭାରେ ଯୋଗଦେଇଥିବା ସାଧୁସନ୍ଥ ।

**ଢେଙ୍କାନାଳ, ୧୩।୨ (ରତନ ନାୟାର)**

ଢେଙ୍କାନାଳ ଜିଲା ବିଶ୍ୱ ପ୍ରସିଦ୍ଧ ମହିମାଗାଦି ଯୋରନ୍ଦାରେ ପ୍ରସିଦ୍ଧ ମାଘମେଳାର ତୃତୀୟ ଦିବସରେ ଗୁରୁବାର ଗାଦି ମନ୍ଦିରର ତୃତୀୟ ବେଢା ପରିସରରେ ଧର୍ମ ମହାସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାନ୍ତଃ ସଂଘ ଚାଳକ ସମୀର ମହାନ୍ତି କହିଛନ୍ତି, ସାଧୁସନ୍ଥଙ୍କ ଜୀବନ ସମାଜର ମଙ୍ଗଳ ପାଇଁ ଉତ୍ସର୍ଗୀକୃତ । ସେମାନେ ସମାଜର ପଥପ୍ରଦର୍ଶକ । ଭାରତ ସନ୍ଥ ପରମ୍ପରାର ଦେଶ । ମହିମା ସନ୍ଥଙ୍କ ବାଣୀ ବିଶ୍ୱବାଣୀ ଭାବେ ବିଦିତ । ସମ୍ମାନିତ ଅତିଥି ଭାବେ ମହିମା ସନ୍ନାସୀ ନଟବର ବାବା କହିଲେ, ସତ୍ୟ ସନାତନ ଧର୍ମ ହେଉଛି ସର୍ବବ୍ୟାପୀ । ମହିମା ଧର୍ମର ବାଣୀ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' ସର୍ବବ୍ୟାପୀ । ଅନ୍ୟମାନଙ୍କ ମଧ୍ୟରେ ଶେଷଦେବ ବାବା, ସୁଶାନ୍ତ ବାବା, ରଘୁନାଥ ବାବା ପ୍ରମୁଖ ଉଦବୋଧନ ପ୍ରଦାନ କରି ମହିମା ଧର୍ମର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ବିଶ୍ୱ ହିନ୍ଦୁ ପରିଷଦ, ଧର୍ମ ଜାଗରଣ ସମନ୍ୱୟ ଓଡିଶା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଧର୍ମସଭା ଓଡିଶା ଧର୍ମ ଜାଗରଣ ପୂର୍ବକ୍ଷେତ୍ର ପ୍ରମୁଖ ବିନୟ ଭୂଷଣ ଭୂୟାଁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ପୂର୍ବପ୍ରାନ୍ତ ଧର୍ମ ଜାଗରଣ ପ୍ରମୁଖ ଆଲୋକ କୁମାର ଖଟୁଆ, ଢେଙ୍କାନାଳ–ଅନୁଗୋଳ ଜିଲା ସଂଘ ସହ ଚାଳକ ହୃଦାନନ୍ଦ ଶତପଥୀ, ଢେଙ୍କାନାଳ ଜିଲା ସଂଘ ଚାଳକ ଅଶୋକ କୁମାର ଭଞ୍ଜ, ସଂଘ ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ଚିନ୍ମୟ ମହାପାତ୍ର, ଢେଙ୍କାନାଳ ଜିଲା ସେବା ପ୍ରମୁଖ ଅଶ୍ୱିନୀ ପତି, ପ୍ରଚାରକ ଚିନ୍ମୟ ରଥ, ନିର୍ମଳ କୁମାର ରାଉତ, ଦିଗମ୍ବର ସାହୁ, ବିରଞ୍ଚି ନାରାୟଣ ସାହୁ ଓ ସମରେନ୍ଦ୍ର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ରାଜପଥରେ ୬ଫୁଟ୍ ବ୍ୟାରିକେଡ୍ ଡେଇଁଲା ଦନ୍ତା



**କାମାକ୍ଷାନଗର, ୧୩।୨ (ସୁଧୀ କୁମାର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳରେ କିଛିଦିନ ବ୍ୟବଧାନ ପରେ ଗୋଠଛଡା ଦନ୍ତା ପୁଣି ଉପଦ୍ରବ ଆରମ୍ଭ କରିଛି । ବୁଧବାର ବିଳମ୍ବିତ ରାତିରେ କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ କନ୍ଧବୋଲ ଜଙ୍ଗଲରୁ ଏକ ଦନ୍ତା କାମାକ୍ଷାନଗର ସହର ନିକଟରେ ଥିବା ରାଜକୁଳା କାଟେଣୀ ଗ୍ରାମ ମଧକୁ ଚାଲି ଆସିଥିଲା । ଗ୍ରାମରେ ପ୍ରାୟ ଅଧଘଣ୍ଟା ଧରି ରହିବା ଫଳରେ ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ । ବନବିଭାଗ ଘଟଣା ସ୍ଥଳରେ ପହଞ୍ଚି ଦନ୍ତାଟିକୁ ଘଉଡ଼ାଇବା ପାଇଁ ଉଦ୍ୟମ କରିଥିବା ବେଳେ ଦନ୍ତାଟି ଜଙ୍ଗଲକୁ ନଯାଇ କାମାକ୍ଷାନଗର–ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ମାଳପୁରାଠାରେ ବହୁ ସମୟ ଛିଡା ହୋଇଥିଲା । ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଯାତାୟାତ ଠପ ହେବା ସହ ହାତୀ ଥିବା କାରଣରୁ ବିଦ୍ୟୁତ ସେବା ବନ୍ଦ କରି ଦିଆଯାଇଥିଲା । ଅନେକ ପରିଶ୍ରମ ପରେ ବନବିଭାଗ ଦନ୍ତାଟିକୁ ଜାତୀୟ ରାଜପଥରୁ ଘଉଡ଼ାଇଥିବା ବେଳେ ଦନ୍ତାଟି ରାଜପଥ ପାର୍ଶ୍ୱରେ ଥିବା ୬ ଫୁଟର ବ୍ୟାରିକେଡ ଡେଇଁ ସ୍ଥାନୀୟ କନ୍ଦରସିଙ୍ଗା ଗ୍ରାମ ଅଭିମୁଖେ ଚାଲିଯାଇଥିଲା ।

# ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ଶିବିର


ଆତ୍ମରକ୍ଷା ଶିବିରର ଉଦ୍‌ଯାପନୀ ଦିବସରେ ଯୋଗଦେଇଥିବା ଅତିଥିମାନଙ୍କ ସହିତ ଛାତ୍ରୀମାନେ ।

**ଢେଙ୍କାନାଳ, ୧୩।୨ (ରତନ ନାୟାର)**

ଢେଙ୍କାନାଳ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ୧୫ଦିନ ଧରି ଚାଲିଥିବା ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧକ୍ଷା ଡ଼ଃ ଶକୁନ୍ତଳା ଜେନା ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ଆବଶ୍ୟକତା ଉପରେ ଉଦବୋଧନ ଦେଇଥିଲେ । ଶିବିରରେ ମାଷ୍ଟର ଟ୍ରେନର ଭାବରେ ଜୟନ୍ତୀ ବେହେରା ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ଉଦଯାପନୀ ଉତ୍ସବରେ ମାଷ୍ଟର ଟ୍ରେନର ଇଂ. ସୌମ୍ୟବ୍ରତ ସାହୁ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ସହଜ କୌଶଳର ଶିକ୍ଷା ପ୍ରଦାନ କରିଥିଲେ । ଏହି ଶିବିରକୁ ସଂଯୋଜିକା ଅଧାପିକା ଡ଼. ମଧୁସ୍ମିତା ନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଅଧାପିକା ବିଦିସା ଦାସ, ଡ. ତେଜସ୍ୱିନୀ ଏବଂ କଲେଜର ସମସ୍ତ ଅଧାପିକା ଅଧାପକ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

# ତୈଳ ଡିପୋ କାର୍ଯ୍ୟକ୍ଷମ ନେଇ ସଂସଦରେ ପ୍ରଶ୍ନ ଉଠାଇଲେ ରୁଦ୍ର ପାଣି

**ଢେଙ୍କାନାଳ/ଅନୁଗୋଳ, ୧୩।୨ (ରତନ ନାୟାର/ମାନସ ରଞ୍ଜନ ବିଶ୍ୱାଳ)**

ଗୁରୁବାର ସଂସଦରେ ତାରକା ପ୍ରଶ୍ନ ସଂଖ୍ୟା ୧୫୩୨ ଯୋଗେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ତେନ୍ତୁଳିଆପଡ଼ାଠାରେ ଭାରତୀୟ ତୈଳ ନିଗମର ଡିପୋ କାର୍ଯ୍ୟ କେବେ ସରିବ ଏବଂ ତାହା କେବେ କାର୍ଯ୍ୟକ୍ଷମ ହେବ, ଏନେଇ ଏମ୍‌ପି ରୁଦ୍ର ନାରାୟଣ ପାଣି ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିବା ସହିତ ସ୍ପଷ୍ଟୀକରଣ ମାଗିଛନ୍ତି । ଏହି ପ୍ରଶ୍ନର ଉତ୍ତରରେ କେନ୍ଦ୍ର ପେଟ୍ରୋଲିୟମ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପି ଲୋକସଭାରେ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ତେନ୍ତୁଳିଆପଡ଼ାରେ ୩୯୪ କୋଟି ଟଙ୍କା ବ୍ୟୟରେ ଭାରତ ପେଟ୍ରୋଲିୟମ ଦ୍ୱାରା ତୈଳଡିପୋ କାମ ଚାଲିଛି । ଆସନ୍ତା ୨୦୨୬ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ । ଉକ୍ତ ପ୍ରକଳ୍ପଟି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ ମନ୍ତ୍ରୀ ଥିବା ବେଳେ ମଞ୍ଜୁର କରିଥିଲେ ବୋଲି ଭାଜପା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧମରେ ସୂଚନା ଦିଆଯାଇଛି ।



ସଂସଦରେ ଏମ୍‌ପି ରୁଦ୍ର ନାରାୟଣ ପାଣି ପ୍ରଶ୍ନ ପଚାରୁଛନ୍ତି ।

# ଭାଜପା ନଗର ମଣ୍ଡଳ ପକ୍ଷରୁ ସମର୍ପଣ ଦିବସ


ସମର୍ପଣ ଦିବସରେ ଯୋଗଦେଇଥିବା କର୍ମକର୍ତ୍ତା ।

**ଢେଙ୍କାନାଳ, ୧୩।୨ (ରତନ ନାୟାର)**

ସମାଜ ଓ ସେବା ପାଇଁ ସମର୍ପିତ ଭାରତୀୟ ଜନସଂଘ ପାର୍ଟିର ସଂସ୍ଥାପକ ତଥା ପ୍ରଥମ ସଂପାଦକ ଦୀନ ଦୟାଲ୍ ଉପାଧ୍ୟାୟଙ୍କ ୬୭ତମ ପୁଣ୍ୟତିଥିକୁ ସମର୍ପଣ ଦିବସ ଭାବେ ଗୁରୁବାର ଢେଙ୍କାନାଳ ଭାଜପା ନଗର ମଣ୍ଡଳ ପକ୍ଷରୁ ସ୍ଥାନୀୟ ଦକ୍ଷିଣକାଳୀସ୍ଥିତ ଭାଜପା କାର୍ଯ୍ୟାଳୟରେ ସଭାପତି ବିକାଶ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଦୀନ ଦୟାଲ୍‌ଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଜିଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ ଦୀନ ଦୟାଲ୍‌ଜୀଙ୍କ ସ୍ତୁତିଚାରଣ କରିବା ସହ ତାଙ୍କର ଏକାତ୍ମ ମାନବବାଦ ଦର୍ଶନ ଉପରେ ବିସ୍ତୃତ ଭାବେ ଆଲୋକପାତ କରି ତାଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ । ଜିଲା ଉପସଭାପତି ମାତୃପ୍ରସାଦ ନନ୍ଦ, ପୂର୍ବତନ ନଗର ସଭାପତି ଧ୍ରୁବଚରଣ ସ୍ୱାଇଁ, ଜିଲା ଅନୁସୂଚିତ ଜାତି ସଭାପତି ଲକ୍ଷ୍ମୀଧର ଦଳେଇ, ପଦ୍ମଭୂଷଣ ସାହୁ, ଦୀପକ ପଟ୍ଟନାୟକ, ଶଙ୍କର ସାମଲ, ଉତ୍ତମ ଦାସ, ରାକେଶ ମଲ୍ଲିକ, ସରୋଜ ଚନ୍ଦ୍ର ଜେନା, ପ୍ରତାପ ଚନ୍ଦ୍ର ସାହୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

# ମହିଳା କମିଶନଙ୍କ ଦ୍ୱାରା ସଚେତନତା

**ପରଜଙ୍ଗ, ୧୩।୨ (ନିଗମାନନ୍ଦ ଦଳବେହେରା)**

ପରଜଙ୍ଗ ପାଣି ପଞ୍ଚାୟତ ଘରେ ଗୁରୁବାର ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ଦ୍ୱାରା ଜିଲା ସୋସିଆଲ ଅଫିସରଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଡ. ଦିଗାମ୍ବର ଗଡ଼ନାୟକ, ଆଇନ ପରାମର୍ଶଦାତା ତଥା ବରିଷ୍ଠ ଆଇନଜୀବୀ ଉନେନ୍ଦ୍ର କୁମାର ଲେଙ୍କା, ପରଜଙ୍ଗ ମହାବିଦ୍ୟାଳୟର ଦୁଇ ଅଧାପିକା ମୌସୁମୀ ବାଘ ଓ ପ୍ରାଚିପ୍ରଭା ସାମନ୍ତ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟବ୍ରତ ସାହୁ, ଜିଲା ସୋସିଆଲ ଅଫିସର କବିତା ଦାସ ଉପସ୍ଥିତ ରହି ସମାଜରେ ଲିଙ୍ଗ ନିରୂପଣକୁ କିପରି ରୋକାଯାଇପାରିବ, ଲିଙ୍ଗ ନିରୂପଣ ପାଇଁ କେଉଁ ଆଇନ ଅଛି, ପରଜଙ୍ଗ ଅଞ୍ଚଳରେ କାମ କରୁଥିବା ଅଙ୍ଗନୱାଡ଼ି, ଆଶାକର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ପରଜଙ୍ଗ ମହାବିଦ୍ୟାଳୟରେ ପଢୁଥିବା +୩ର ଛାତ୍ରୀମାନଙ୍କୁ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବଳାତ୍କାର, ବୟସ ନ ହେବା ପୂର୍ବରୁ ବିବାହ ଏବଂ ଶିକ୍ଷିତ ନ ହେବାକୁ ନା କହିବା ଉପରେ ସଚେତନ କରାଯାଇଥିଲା । ଆଗକୁ କିପରି ମହିଳାମାନେ ଗର୍ଭ ନିରୂପଣ ନ କରିବେ ତା' ଉପରେ ସଚେତନତା ବାର୍ତ୍ତା ଦିଆଯାଇଥିଲା ।



ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ଅଭିଭାଷଣ ରଖୁଛନ୍ତି ।

# ହିନ୍ଦୀ ମ୍ୟୁଜିକ୍ ଭିଡିଓରେ ଓଡ଼ିଆ ଝିଅ ସ୍ୱପ୍ନା

## ବିଶିଷ୍ଟ ଅଭିନେତା କନୱଲଜିତ୍‌ଙ୍କ ସହ ଅଭିନୟ

**ଢେଙ୍କାନାଳ, ୧୩।୨ (ରତନ ନାୟାର)**

ଢେଙ୍କାନାଳର ଝିଅ ତଥା ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ସ୍ୱପ୍ନା ପ୍ରିୟଦର୍ଶିନୀ 'ମୋହବତ୍ ତୋ ୟେ ହୈ' ହିନ୍ଦୀ ମ୍ୟୁଜିକ୍ ଭିଡିଓରେ ଅଭିନୟ କରିଛନ୍ତି । ଅଭୟ ନୁର ସିଂହଙ୍କ ନିର୍ଦ୍ଦେଶନାରେ ମନିଷ ସୁଛିଙ୍କ ଦ୍ୱାରା ପ୍ରସ୍ତୁତ ଏହି ହିନ୍ଦୀ ମ୍ୟୁଜିକ୍ ଭିଡିଓରେ ହିନ୍ଦୀ ଓ ପଞ୍ଜାବୀ ଫିଲ୍ମ ଜଗତର ବରିଷ୍ଠ ଅଭିନେତା କନୱଲଜିତ୍ ସିଂଙ୍କ ସହ ସ୍ୱପ୍ନା ପ୍ରିୟଦର୍ଶିନୀ ଅଭିନୟ କରିଛନ୍ତି । ଏଥିସହିତ ପ୍ରସିଦ୍ଧ ପଞ୍ଜାବୀ ଗାୟକ ଗୁରନଜର ଛଟ୍ଟା ଏବଂ ହିନ୍ଦୀ ଫିଲ୍ମର ବରିଷ୍ଠ ଅଭିନେତ୍ରୀ ସୁସ୍ମିତା ମୁଖାର୍ଜୀ ମଧ ଅଭିନୟ କରିଛନ୍ତି । ଏଥିରେ ଅମ୍ବେରକାଶି ମେହେରା ଅଭିନୟ କରିଛିନ୍ତି । ସ୍ୱପ୍ନା ପ୍ରିୟଦର୍ଶିନୀ ଓଡ଼ିଆ ଚଳଚ୍ଚିତ୍ର ଟୁ ଟକୋଲେଟ୍ ଏବଂ ଅନୁଭବ ମହାନ୍ତିଙ୍କ ସହ ଲଭ୍ ଇନ ଲଣ୍ଡନ ଅଭିନୟ କରିଥିବା ବେଳେ ତାଙ୍କର ଆଗାମୀ ଓଡ଼ିଆ ଚଳଚ୍ଚିତ୍ର 'ଦୋ ଛକି' ରିଲିଜ ଅପେକ୍ଷାରେ ରହିଥିବା ସ୍ୱପ୍ନା ସୂଚନା ଦେଇଛନ୍ତି । ସ୍ୱପ୍ନା ଢେଙ୍କାନାଳ କୁଞ୍ଜକାନ୍ତ ଅଞ୍ଚଳରେ ରହୁଥିବା ବ୍ୟାଙ୍କ ଅଧିକାରୀ ବିଶ୍ୱଜିତ୍ ରାଉତରାୟ ଓ ମଧୁମିତା ରାଉତରାୟଙ୍କ କନ୍ୟା ଅଟନ୍ତି ।


କନୱଲଜିତ୍ ସହ ଓଡ଼ିଆ ଝିଅ ସ୍ୱପ୍ନାଙ୍କ ଅଭିନୟ ।

# ମାଘମେଳାରେ 'ମହିମାଜ୍ୟୋତି' ବାର୍ଷିକ ପତ୍ରିକା ଉନ୍ମୋଚନ

**ଢେଙ୍କାନାଳ, ୧୩।୨ (ରତନ ନାୟାର)**

ବିଶ୍ୱ ପ୍ରସିଦ୍ଧ ମହିମାଗାଦି ଯୋରନ୍ଦାର ମହିମା ମାଘମେଳାରେ କୌପିନଧାରୀ ମହିମା ସମାଜ ଆନୁକୂଲ୍ୟରେ ପ୍ରକାଶିତ ବାର୍ଷିକ ପତ୍ରିକା 'ମହିମା ଜ୍ୟୋତି'କୁ ଅତିଥିମାନଙ୍କ ଦ୍ୱାରା ଭଜନ ମଣ୍ଡପରେ ଉନ୍ମୋଚିତ ହୋଇଯାଇଛି । ଶୂନ୍ୟବ୍ରହ୍ମଙ୍କ ଉଦ୍ଦେଶ୍ୟରେ ସାତ ବାରକୁ ନେଇ ସାତଟି ଅଖଣ୍ଡ ଘୃତଦୀପ କୌପିନଧାରୀ ମହିମା ସମାଜର ଧର୍ମାଧକ୍ଷ ଶ୍ରୀମଦ୍ ରଘୁନାଥ ବାବାଙ୍କ ଦ୍ୱାରା ପ୍ରଜ୍ୱଳିତ କରାଯାଇଥିଲା । ଏହି ସପ୍ତଦୀପକୁ ଶ୍ରୀମଦ୍ ରଘୁନାଥ ବାବା, ମହିମାଜ୍ୟୋତିଯାତ୍ରା ସଂପାଦକ ପ୍ରଦ୍ୟୁମ୍ନ ରଥ, ତପୋବନ ପତ୍ରିକାର ସଂପାଦକ ଭକ୍ତ ପ୍ରଶାନ୍ତ ମହାପାତ୍ର, ମହିମା ଗବେଷକ ଭକ୍ତ ଡ. ଉଦ୍ଧବ ଚରଣ ନାୟକ, ଅବସରପ୍ରାପ୍ତ ପ୍ରଶାସକ ଭକ୍ତ ସନାତନ ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ସାହୁ ଓ ସମାଜସେବୀ ଡମ୍ବରୁଧର ସେଠୀ ଶୂନ୍ୟବ୍ରହ୍ମଙ୍କୁ ସମର୍ପଣ କରିଥିଲେ । ଏଥିରେ ଶେଷଦେବ ବାବା, ସଞ୍ଜୟ ବାବା, କନ୍ଦର୍ପ ବାବା, ଜ୍ଞାନୀ ବାବା ଓ କ୍ଷେତ୍ରବାସୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଆୟୋଜିତ ସଭାରେ ଶ୍ରୀମଦ୍ ରଘୁନାଥ ବାବା, ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, ଶିକ୍ଷାବିତ୍ ଖଗେଶ୍ୱର ସାହୁ, ଗବେଷକ ଡ. ଉଦ୍ଧବ ଚରଣ ନାୟକ, ସନାତନ ମଲ୍ଲିକ, ଶେଷଦେବ ବାବା, ମହିମା ଜ୍ୟୋତି ସମ୍ପାଦକ ବିରଞ୍ଚି ନାରାୟଣ ହୋତା, ଡମ୍ବରୁଧର ସେଠୀ ଓ ଶତ୍ରୁଘ୍ନ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇ ମହିମା ଧର୍ମର ସରଳତା, ନିରାଡମ୍ବରତା, ପ୍ରକୃତି ପ୍ରେମ, ଜଗତ ଓ ଭଗତଙ୍କ କଲ୍ୟାଣ, ସମାନତା ଓ ଜାତିଆଣବାଦ ପରିହାରତା ଉପରେ ଆଲୋକପାତ କରିଥିଲେ । ଭକ୍ତ ପ୍ରଶାନ୍ତ ମହାପାତ୍ର ସଭା ସଂଯୋଜନା କରିଥିବା ବେଳେ ଭକ୍ତ ଅନନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିମାନେ ମାଘମେଳାରେ 'ମହିମାଜ୍ୟୋତି' ବାର୍ଷିକ ପତ୍ରିକାକୁ ଉନ୍ମୋଚନ କରୁଛନ୍ତି ।

# ବୃଦ୍ଧଙ୍କ ମୃତଦେହ ଜବତ

**ଢେଙ୍କାନାଳ, ୧୩।୨ (ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା ଲମ୍ବୋଦରପୁର ଗ୍ରାମରେ ଗୁରୁବାର ସକାଳେ ରାସ୍ତା ନିକଟସ୍ଥ କାଜୁ ଜଙ୍ଗଲ ପାଖରୁ କୃପାସିନ୍ଧୁ ଦଳେଇ(୭୫) ନାମକ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରାଯାଇଛି । ଦୁଇଦିନ ତଳେ କାଜୁ ଜଙ୍ଗଲ ଆଡ଼କୁ ଯାଇଥିବା କୃପାସିନ୍ଧୁଙ୍କର କୌଣସି ଖୋଜଖବର ମିଳିନଥିଲା । ଗୁରୁବାର କୃପାସିନ୍ଧୁଙ୍କ ମୃତଦେହ ମିଳିବା ପରେ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଏହା ଏକ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସନ୍ଦେହ ପ୍ରକାଶ ପାଇଛି । ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଁଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଏ ସଂକ୍ରାନ୍ତରେ ସଦର ଥାନାରେ କେସ୍ ନଂ–୭୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଘଟଣା ସମ୍ପର୍କରେ ସ୍ପଷ୍ଟ ତଥ୍ୟ ମିଳିପାରିବ ବୋଲି ଡିଏସ୍‌ପି ସନ୍ଧ୍ୟାରାଣୀ ବେଉରିଆ କୁହନ୍ତି ।

# ଶ୍ରମିକ ସଚେତନତା ରଥ ଶୁଭାରମ୍ଭ


ସଚେତନତା ରଥକୁ ପତାକା ହଲାଇ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି ।

**ଢେଙ୍କାନାଳ, ୧୩।୨ (ରତନ ନାୟାର)**

**ଶ୍ରମିକ କଲ୍ୟାଣ ସମ୍ପର୍କରେ ସଚେତନ କରିବ ସଚେତନତା ରଥ**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନ ୧୧ଟା ସମୟରେ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠି ଏହି ରଥକୁ ପତାକା ଦେଖାଇ ଉଦଘାଟନ କରିଥିଲେ । ଏହି ସଚେତନତା ରଥ ଏକମାସ ଧରି ଜିଲାର ସମସ୍ତ ବ୍ଲକ, ପୌରାଞ୍ଚଳ, ପୌର ପରିଷଦ, ଶ୍ରମିକ ହାଟ, ଜନବହୁଳ ସ୍ଥାନ, ନିର୍ମାଣ କ୍ଷେତ୍ରରେ ସଚେତନତା କରିବ । ଏଥିସହିତ ରାଜ୍ୟ ସରକାର ଓ ଶ୍ରମ ବିଭାଗର ଶ୍ରମିକ କଲ୍ୟାଣ ଯୋଜନାଗୁଡିକ ସମ୍ପର୍କରେ ସଚେତନ କରିବ । ଶ୍ରମ କଲ୍ୟାଣ ବୋର୍ଡ ମାଧମରେ ମିଳୁଥିବା ସହାୟତା ଯଥା– ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ, ଓଡିଶା ଅଣ ସଂଗଠିତ ଶ୍ରମିକ ସୁରକ୍ଷା ବୋର୍ଡ ମାଧମରେ ମିଳୁଥିବା ସହାୟତା ସମ୍ପର୍କରେ ସଚେତନ କରିବ । ଏଥିସହିତ ଜିଲାକୁ ଶିଶୁ ଶ୍ରମିକ ମୁକ୍ତ ଓ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକମାନଙ୍କ ଅଧିକାର ଓ ସେମାନଙ୍କ ନିମନ୍ତେ ଥିବା ସରକାରୀ ନିୟମ ବିଷୟରେ ମଧ ସଚେତନତା କରିବ । ଉଦ୍‌ଘାଟନ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ପୁଷ୍ପକ ତ୍ରିପାଠୀ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ମୋନାଲିସା ନାୟକ, ଜିଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ରଶ୍ମିତା ନାୟକ ଓ ତପନ କୁମାର ସୂତାର(କଲ୍ୟାଣ), ସହକାରୀ ଶ୍ରମ ଅଧିକାରୀ ସଂଗ୍ରାମ ଦଳେଇ ଓ ବୈଜୟନ୍ତୀମାଳା ମଲ୍ଲିକ ଏବଂ ଜିଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀମାନେ ସହାୟତା କରିଥିଲେ ।

